# ବଲାଙ୍ଗିର ଜିଲ୍ଲାରେ ଚାଷୀ ଆତ୍ମହତ୍ୟା ଉଦ୍ୟମ

**ସମ୍ବଲପୁର, ୧୩।୧୧/ଏନ୍‌ଏନ୍‌ଏସ୍:** ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ସାମଲିଆ ଗ୍ରାମର ଭାଗଚାଷୀ ରାଧାକୃଷ୍ଣ ସୁନା(୫୦) ଗତକାଲି ଗ୍ରୁଷରେ ପୋକ ଲାଗିଥିବାରୁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲକୁ ଅଣାଯାଇଛି। ବର୍ତ୍ତମାନ ସେ ମେଡିସିନ୍ ବିଭାଗରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ରାଧାକାନ୍ତ ମୋଟ ୪ଏକର ଜମି ଭାଗଚାଷୀ ଭାବରେ ଚାଷ କରୁଥିଲେ। ସେଥିରୁ ୨.୫ ଏକରରେ ପୋକ ଲାଗିଯାଇଥିବା ବେଳେ ୧.୫ ଏକର ମଦୁଡ଼ିଗ୍ରସ୍ତ ହୋଇଥିଲା। ଯାହାକୁ ନେଇ ସେ ଚିନ୍ତିତ ଥିଲେ ବୋଲି କୁହାଯାଇଛି।

ନିତିଦିନ NITIDIN Tue, Nov 14, 2017
http://odishanewsnitidin.com